# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 24 February – 2026

## ଜାତୀୟ ପତାକା-ମାର୍ଗଦର୍ଶିକା

ଜାତୀୟ ପତାକାର ବ୍ୟବହାର ଏବଂ ସମ୍ମାନ ପ୍ରଦର୍ଶନ ନେଇ ଏକ ମାର୍ଗଦର୍ଶିକା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜରି କରିଛି । ଜାତୀୟ ସମ୍ମାନର ଅପମାନ ନିବାରଣ ଆଇନ୍ ୧୯୭୧ ଏବଂ ଭାରତୀୟ ଜାତୀୟ ପତାକା ସଂହିତା ୨୦୦୨ ଏବଂ ପରବର୍ତ୍ତୀ ସଂଶୋଧନ ୨୦୨୧ ଓ ୨୦୨୨ରେ ଜାତୀୟ ପତାକାର ବ୍ୟବହାର, ଉତ୍ତୋଳନ ଓ ପ୍ରଦର୍ଶନକୁ ନିୟନ୍ତ୍ରଣ ନେଇ ବ୍ୟବସ୍ଥା ରହିଛି । ଜାତୀୟ ତଥା ସାଂସ୍କୃତିକ ଏବଂ କ୍ରୀଡ଼ା କାର୍ଯ୍ୟକ୍ରମ ଅବସରରେ ସାଧାରଣ ଜନତା କାଗଜରେ ପ୍ରସ୍ତୁତ ଜାତୀୟପତାକା ଉଡାଇ ପାରିବେ । ତେବେ ପତାକା ଏହି ଗୁଡ଼ିକୁ ବ୍ୟବହାରକାରୀ ମର୍ଯ୍ୟାଦାର ସହ ବ୍ୟକ୍ତିଗତ ଭାବେ ନଷ୍ଟ କରିବାକୁ ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି ।

## ପ୍ରହାର

ଦେଶରେ ଆତଙ୍କବାଦ ବିରୋଧ ନୀତି ପ୍ରହାରକୁ କାର୍ଯ୍ୟକାରୀ କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ଗତକାଲି ପ୍ରକାଶ ପାଇଛି । ଦେଶରେ ସମନ୍ୱିତ ଆତଙ୍କବାଦ କାର୍ଯ୍ୟକଳାପକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ପ୍ରଥମଥର ପାଇଁ ଏହି ନୀତି ପ୍ରଣୟନ କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ପ୍ରହାର ନୀତି ସଂକ୍ରାନ୍ତ ସମସ୍ତ ତଥ୍ୟ ଉପଲବ୍ଧ ରହିଛି ।

# ସରକାରୀ କର୍ମଚାରୀ-ବାର୍ଷିକ ସମ୍ପତ୍ତି

ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ କରିବା ସମୟସୀମାକୁ ସରକାର ଆସନ୍ତାମାସ ଶେଷପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ନିର୍ଦ୍ଦେଶାନାମା ଜାରି କରାଯାଇଛି । ଗତବର୍ଷ ପାଇଁ ଏଚ୍.ଆର୍.ଏମ୍.ଏସ୍ ପୋର୍ଟାଲରେ ସମ୍ପତ୍ତି ତାଲିକା ଦାଖଲ କରିବାକୁ ସମସ୍ତ ବର୍ଗର ସରକାରୀ କର୍ମଚାରୀଙ୍କ ପାଇଁ ବାଧ୍ୟତାମୂଳକ କରାଯାଇଛି ।

---

# ଜିଏସ୍‌ଟି ଆଦାୟ

ରାଜ୍ୟର ପଞ୍ଜୀକୃତ ହୋଇଥିବା ଅଳଙ୍କାର ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକରୁ ୩୫ହଜାର କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବିଧାସଭାରେ ଗତକାଲି ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ଶ୍ରୀ ମାଝୀ କହିନ୍ତି ୨୦୨୦ରୁ ଗତ ଜାନୁଆରୀ ମାସ ଶେଷ ସୁଦ୍ଧା ରାଜ୍ୟରେ ପଞ୍ଜିକୃତ ହୋଇଥିବା ୮ହଜାର ୮୪ଟି ଅଳଙ୍କାର ବ୍ୟବସାୟ ପ୍ରତିଷ୍ଠାନରୁ ଜିଏସ୍‌ଟି ବାବଦରେ ଏହି ଅର୍ଥ ସଂଗୃହୀତ ହୋଇଛି । ବୃଦ୍ଧି ପାଉଥିବା ସୁନା ଓ ରୂପା ଦର ଯୋଗୁଁ ଜିଏସ୍‌ଟି ଆଦାୟ ପରିମାଣ ମଧ୍ୟ ବୃଦ୍ଧି ପାଉଛି ବୋଲି ଶ୍ରୀ ମାଝୀ କହିଛନ୍ତି ।

---

# ବିଧାନସଭା-ସାଇବର ଆକ୍ରମଣ

ରାଜ୍ୟ ସରକାରଙ୍କ ତଥ୍ୟକେନ୍ଦ୍ର ଉପରେ ଗତ ୨ ବର୍ଷ ମଧ୍ୟରେ ବିଭିନ୍ନ ଦେଶରୁ ପାଖାପାଖି ୭ହଜାର ୫ଟି ସାଇବର ଆକ୍ରମଣ ଉଦ୍ୟମ

ହୋଇଥିବା ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ବିଧାନସଭାରେ ଗତକାଲି ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ରୁଷିଆ, ଚୀନ୍, ଉତ୍ତରକୋରିଆ, ଇରାନ, ନାଇଜେରିଆ ଓ ରୋମାନିଆ ଭଳି ଦେଶରୁ ଏଭଳି ଆକ୍ରମଣ ହୋଇଥିବା ଜଣାପଡିଛି । ତେବେ ଆଣ୍ଟି ଭାଇରସ୍ ବ୍ୟବସ୍ଥା ମାଧ୍ୟମରେ ଏହାକୁ ସଫଳତାର ସହ ପ୍ରତିହତ କରାଯାଇପାରିଛି ବୋଲି ସେ ଗୃହରେ ସୂଚନା ଦେଇଛନ୍ତି ।

# କେନ୍ଦ୍ରୀୟ ଉତ୍ପାଦ ଦିବସ

୧୯୪୪ ମସିହାରେ ଦେଶରେ କେନ୍ଦ୍ରୀୟ ଉତ୍ପାଦ ଓ ଲୁଣ ଆଇନ୍ ପ୍ରଣୟନ ସ୍ମୃତି ଉଦ୍ଦେଶ୍ୟରେ ଆଜି ଦେଶବ୍ୟାପୀ କେନ୍ଦ୍ରୀୟ ଉତ୍ପାଦ ଦିବସ ପାଳନ କରାଯାଉଛି । ଦେଶରେ ଉତ୍ପାଦ ଶୁଳ୍କ ନିୟମାବଳୀର ମୁଳଦୁଆ ଏହି ଆଇନ୍ ଦ୍ୱାରା ସ୍ଥାପିତ ହୋଇଥିଲା । ଉତ୍ପାଦ ଶୁଳ୍କ ବିଭାଗର କର୍ମଚାରୀଙ୍କୁ ଆନ୍ତରିକତା ଏବଂ ଦକ୍ଷତାର ସହ କାର୍ଯ୍ୟ କରିବାକୁ ଏହି ଦିବସ ପ୍ରୋତ୍ସାହନ ପ୍ରଦାନ କରିଥାଏ । କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ ପକ୍ଷରୁ ଏହି ଅବସରରେ କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥାଏ ।

## ମାଓବାଦୀ

କନ୍ଧମାଳ ଜିଲ୍ଲାରେ ଆଉ ପ୍ରାୟ ୩୦ ନକ୍ସଲ ସକ୍ରିୟ ରହିଛନ୍ତି ବୋଲି ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା କହିଛନ୍ତି। ରାଇକିଆ, ଦାରିଙ୍ଗିବାଡ଼ି ଓ କୋଟପାଡ଼ ଅଞ୍ଚଳରେ ଏହି ମାଓବାଦୀମାନେ ସକ୍ରିୟ ଅଛନ୍ତି। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମସ୍ତ ମାଓବାଦୀ ଆତ୍ମସମର୍ପଣ

କରିବା ପାଇଁ ଶ୍ରୀ ପଣ୍ଡା ଆହ୍ୱାନ ଦେଇଛନ୍ତି। ଆତ୍ମସମର୍ପଣ କଲେ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ନନ୍ଦାବାଲି ସଂରକ୍ଷିତ ଜଙ୍ଗଲରେ ପୁଲିସ ପକ୍ଷରୁ ତଲାସୀ ଅଭିଯାନ ସମୟରେ ଦୁଇ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

---

## ଇ-ବସ୍ ସେବା

ରାଜ୍ୟରେ ସ୍ମାର୍ଟ ପରିବହନ ଏବଂ ଯୋଗାଯୋଗ କ୍ଷେତ୍ରରେ ନିରନ୍ତର ଭବିଷ୍ୟତ ଲକ୍ଷ୍ୟ ନେଇ ପିଏମ୍ଇ-ବସ୍‌ସେବା ଯୋଜନାରେ ଆଉ ୪୦୦ଟି ଇ-ବସ୍ ଚଳାଚଳ କରିବା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ଆସନ୍ତା ଆର୍ଥିକ ବର୍ଷ ପାଇଁ ବଜେଟ୍‌ରେ ସହରାଞ୍ଚଳ ପରିବହନ କ୍ଷେତ୍ରଲାଗି ୪୨୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ସେ କହିଛନ୍ତି । ଆମ ବସ୍‌ସେବାରେ କଳେବର ବୃଦ୍ଧି ପାଇବା ସହିତ ସହରାଞ୍ଚଳରେ ସଡ଼କ ଯୋଗାଯୋଗ ବ୍ୟବସ୍ଥା ଅଧିକ ସୁଦୃଢ଼ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଭବିଷ୍ୟତରେ ୬୦୦ଟି ଇ-ବସ୍ କିଣିବା ପାଇଁ ସରକାର ଲକ୍ଷ୍ୟ ରଖିଥିବା ଜଣାପଡିଛି ।

---

## କର୍ମଶାଳା

୨୦୨୭ ଜନଗଣନା ସମ୍ପର୍କିତ ଏକ ଦୁଇଦିନିଆ ପ୍ରଶିକ୍ଷଣ କର୍ମଶାଳା ଗଞ୍ଜାମ ଜିଲ୍ଲା ପରିଷଦ ଭବନଠାରେ ଆୟୋଜିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କେଟାଙ୍କ ଅଧ୍ୟକ୍ଷତାରେ ଚାଲିଥିବା ଏହି କର୍ମଶାଳାରେ ଜନଗଣନା ସମ୍ପର୍କିତ ତଥ୍ୟ ସଂଗ୍ରହ ନେଇ ବିସ୍ତୃତ

ଆଲୋଚନା ହେବା ସହ ସଂପୃକ୍ତ କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।

## ଜନଶୁଣାଣି ଶିବିର

ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକର ଗାଲୁଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗତକାଲି ପଲ୍ଲୀରେ ଜିଲ୍ଲା ପ୍ରଶାସନ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ୍ ୫୨ଟି ଅଭିଯୋଗ ଉପରେ ଶୁଣାଣି ହୋଇଛି । ୪ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିବାବେଳେ ଅନ୍ୟ ଅଭିଯୋଗ ଗୁଡ଼ିକର ସମାଧାନ ପାଇଁ ସଂପୃକ୍ତ ବିଭାଗକୁ ପଠାଇ ଦିଆଯାଇଛି ।

## ପ୍ରସ୍ତୁତି ବୈଠକ

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଚଳିତବର୍ଷ ହେବାକୁଥିବା ମା’ କଳସୀ ଠାକୁରାଣୀଙ୍କ ମଣ୍ଡେଇ ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ମଣ୍ଡେଇ ଯାତ୍ରାର ପ୍ରସ୍ତୁତି ତଥା ଆନୁଷଙ୍ଗିକ ବ୍ୟବସ୍ଥା ନେଇ ବିସ୍ତୃତ ଆଲୋଚନା କରିଛନ୍ତି ।